# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 02 March - 2026

---

## ଜିଏସ୍‌ଟି

ଚଳିତବର୍ଷ ଫେବୃୟାରୀ ମାସରେ ମୋଟ୍ ସାମଗ୍ରୀ ଏବଂ ସେବାକର-ଜିଏସଟି ସଂଗ୍ରହ ୧ଲକ୍ଷ ୮୩ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତବର୍ଷ ଫେବୃୟାରୀ ମାସ ତୁଳନାରେ ଏହା ୮ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି । ସେଥିମଧ୍ୟରେ କେନ୍ଦ୍ରୀୟ ଜିଏସଟି ସଂଗ୍ରହ ୩୭ ହଜାର ୪୭୩ କୋଟି ଟଙ୍କା ଏବଂ ରାଜ୍ୟ ଜିଏସଟି ୪୫ ହଜାର ୯୦୦ କୋଟି ଟଙ୍କା ଥିଲା । ସମନ୍ୱିତ ଜିଏସଟି ସଂଗ୍ରହ ଏକଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି ।

## ରତ୍ନଭଣ୍ଡାର ଗଣତି ମଣତି

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତିର ସମୟ ଧାର୍ଯ୍ୟ ଓ ଗୁଣ୍ଡିଚା ମନ୍ଦିର ଖୋଲିବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଏବଂ ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତାବକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

# ନକ୍ସଲମୁକ୍ତ ଜିଲ୍ଲା

ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାକୁ ନକ୍ସଲମୁକ୍ତ ଜିଲ୍ଲା ଭାବେ ପୋଲିସ୍ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି, ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ସଫଳତା ହାସଲ ହୋଇଛି । ରାଜ୍ୟର ଅନ୍ୟାନ୍ୟ ମାଓପ୍ରଭାବିତ ଅଞ୍ଚଳରେ ଅଭିଯାନକୁ ଅଧିକ ତ୍ୱରାନିତ କରାଯିବା ସହ ଚଳିତମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ ନକ୍ସଲମୁକ୍ତ ଓଡ଼ିଶା ଗଠନ ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।

# ଟିକାକରଣ

କଟକ ମହାନଗର ନିଗମ ପକ୍ଷରୁ କିଶୋରୀଙ୍କୁ ଜରାୟୁ ଗ୍ରୀବା କର୍କଟ ପ୍ରତିଷେଧକ ଟିକା ପ୍ରଦାନ ଅଭିଯାନ ଆରମ୍ଭ ହୋଇଛି । ଗତକାଲି ଚାଉଳିଆଗଞ୍ଜ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୪ରୁ ୧୫ ବର୍ଷ ବୟସର ବାଳିକାଙ୍କୁ ଏହି ଟିକା ଦିଆଯାଇଛି । ଗତକାଲି ପ୍ରଥମ ଦିନରେ ୩୨ ଜଣ ଟିକା ନେଇଛନ୍ତି ।

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ମଧ୍ୟ ଏଚ୍‌ପିଭି ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ବିଧାୟକ ଜୟନାରାୟଣ ମିଶ୍ର ଏହାର ଶୁଭାରମ୍ଭ କରିଛନ୍ତି ।

ଆସନ୍ତା ୩ ମାସ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## କୃଷକ ମୋର୍ଚ୍ଚା

୨୦୨୬-୨୭ ରାଜ୍ୟ ବଜେଟ୍‌ରେ କୃଷି ଏବଂ କୃଷକଙ୍କ ପାଇଁ ୪୨ ହଜାର ୪୯୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହାକି ମୋଟ୍ ବଜେଟ୍‌ର ୧୨ ପ୍ରତିଶତରୁ ଅଧିକ ବୋଲି ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସର୍କିଟ୍ ହାଉସ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି କୃଷକଙ୍କ ଉନ୍ନତି ପାଇଁ ସମୃଦ୍ଧ କୃଷକ ଯୋଜନା ଅଧୀନରେ ୬ ହଜାର ୮୮ କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରହିଛି ।

## ସୁଭଦ୍ରା ଶକ୍ତିମେଳା

ନବରଙ୍ଗପୁରଠାରେ ଅୟୋଜିତ ସୁଭଦ୍ରା ଶକ୍ତିମେଳା ଅବସରରେ ମହିଳା ଏବଂ ଶିଶୁ ଅଧିକାର ସଂପର୍କିତ ଏକ ଜିଲ୍ଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ଅଧିକାର ସଂପର୍କିତ ବିଭିନ୍ନ ଆଇନ ଉପରେ ଆଲୋଚନା ହୋଇଥିଲା ।

# ରଙ୍ଗୋତ୍ସବ

ଭୁବନେଶ୍ୱର ଏସ୍‌ଆଇଆର୍‌ଡି ପରିସରରେ ରଙ୍ଗୋତ୍ସବ-୨୦୨୬ ଆରମ୍ଭ ହୋଇଛି । ସୁରକ୍ଷିତ ଓ ପରିବେଶ ଅନୁକୂଳ ରଙ୍ଗଖେଳ ପାଳନକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ମହୋତ୍ସବର ଉଦ୍ଦେଶ୍ୟ।  ଓର୍‌ମାସ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଏକ ସ୍ଥାୟୀ ବଜାର କ୍ଷେତ୍ର ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି । ପାରମ୍ପରିକ ଖାଦ୍ୟ, ସୂକ୍ଷ୍ମ ହସ୍ତଶିଳ୍ପ ତଥା ହାତ ତିଆରି ଗୃହ ଉପକରଣ ଆଦି ସାମଗ୍ରୀ ଏଠାରେ ପ୍ରଦର୍ଶନ ଓ ବିକ୍ରୀର ବ୍ୟବସ୍ଥା ହୋଇଛି ।

# ଅପରେସନ କବଚ

ଅପରେସନ ସାଇବର କବଚ ଅଧୀନରେ ଓଡ଼ିଶା ପୋଲିସ୍ ପକ୍ଷରୁ ରାଜ୍ୟରେ ମୋଟ୍ ୨୨ ହଜାର ୪୫୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଯାଞ୍ଚ ଆଧାରରେ ୭୬୦ଟି ସାଇବର ମାମଲା ଏବଂ ଅନ୍ୟାନ୍ୟ ମାମଲା ରୁଜୁ ହେବା ସହିତ ୨୮୧ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସାଇବର ଅପରାଧମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ଏହି ଅଭିଯାନ ରାଜ୍ୟବ୍ୟାପୀ ଜାରି ରହିଛି ବୋଲି ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି।

# କର୍ମଶାଳା

କେନ୍ଦ୍ରାପଡ଼ା ଜିଲ୍ଲା ସାଆନ୍ତସାହିଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ଶାଖା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବା ନେଇ ଦଳୀୟ କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

# ପ୍ରସ୍ତୁତି ବୈଠକ

ଭଦ୍ରକ ଜିଲ୍ଲାରେ ଆସନ୍ତା ଶ୍ରୀରାମନବମୀ ମହୋତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀପଡ଼ିଆ ନୂଆବଜାର ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁଶେଖର ମହାପାତ୍ର, ବିଜେପି ରାଜ୍ୟଶାଖା ସଭାପତି ମନମୋହନ ସାମଲ ପ୍ରମୁଖ ଯୋଗ ଦେଇ ମହୋତ୍ସବ ପାଳନର କାର୍ଯ୍ୟନିର୍ଘଣ୍ଟ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି ।

# ପୁସ୍ତକମେଳା

କନ୍ଧମାଳ ଜିଲ୍ଲା ଫୁଲବାଣୀ ବିଟିଏମ୍ ପଡ଼ିଆଠାରେ ଷୋଡ଼ଶ ପୁସ୍ତକମେଳା ଅନୁଷ୍ଠିତ ହେଉଛି । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ୨୫ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

# ବନ୍ଧୁକ ଚାଳନା ପ୍ରତିଯୋଗିତା

୫୪ତମ ରାଜ୍ୟ ପୋଲିସ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ଗତକାଲି ଉଦ୍ଯାପିତ ହୋଇଯାଇଛି । ଯାଜପୁର ବଇରୀଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ପୋଲିସ୍ ଜିଲ୍ଲା, ବାଟାଟିୟନ୍ ଏବଂ ପ୍ରତିଷ୍ଠାନର ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଉଦ୍ଯାପନୀ ସମାରୋହରେ ପୋଲିସ୍ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।